ଗ୍ରାମୀଣ କୃଷି ମୌଷମ ସେବା
ମଧ୍ୟ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ କେନ୍ଦ୍ର
ମହିଷାପାଟ, ଢେଙ୍କାନାଳ- ୭୫୯ ୦୦୧

**ସପ୍ତାହ ସଂଖ୍ୟା .୧୧**

ଡ. ମହମ୍ମଦ ଅବଦୁଲ ଅଲିମ
ଟେକନିକାଲ ଅଫିସର

ବୁଲେଟିନ ନମ୍ବର : ୩୮
ତାରିଖ : ୧୩ ।୦୩।୨୦୧୮
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା

### ଗତ ସପ୍ତାହ ର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୭ .୦୩ .୨୦୧୮ ରୁ ୧୩ .୦୩.୨୦୧୮)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | 33.୫ – 37.2 |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୮.୬ – ୨୨.୬ |

### ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| | ୧୪.୦୩.୨୦୧୮ | ୧୫.୦୩.୨୦୧୮ | ୧୬.୦୩.୨୦୧୮ | ୧୭.୦୩.୨୦୧୮ | ୧୮.୦୩.୨୦୧୮ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ | ୫ | ୦ |
| ସର୍ବାଧିକ ତାପମାତ୍ରା (ଡି. ସେ.) | ୩୮ | ୩୬ | ୩୫ | ୩୫ | ୩୭ |
| ସର୍ବନିମ୍ନ ତାପମାତ୍ରା (ଡି. ସେ.) | ୨୧ | ୨୧ | ୧୮ | ୧୯ | ୨୦ |
| ସର୍ବମୋଟ ମେଘାଚ୍ଛାନ୍ନତା(ଅକ୍ଟା) | ୦ | ୦ | ୧ | ୬ | ୩ |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ୬୫ | ୮୫ | ୫୮ | ୭୨ | ୯୪ |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ୮ | ୫ | ୮ | ୧୮ | ୨୫ |
| ପବନ ର ବେଗ (କି.ମି./ଘ.) | ୩ | ୩ | ୭ | ୬ | ୩ |
| ପବନ ର ଦିଗ | ଦ.ପ. | ଦ.ପ. | ଉ.ପ. | ଦ.ପ. | ଦ.ପ. |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

- ପାଣିପାଗ ଭିତ୍ତିକ ସୂଚନା ଅନୁସାରେ ଜିଲ୍ଲାର ଅଧିକାଂଶ ମୃତ୍ତିକା ସାମାନ୍ୟ ଶୁଖିଲା ଥିବାର ଜଣା ଯାଇଛି।
- ମାଟିର ଅରଦ୍ରତା ଓ ଫସଲର ଆବଶ୍ୟକତା ଅନୁଯାଇ ଜଳସେଚନ କରନ୍ତୁ ।
- ମାଟି ପରୀକ୍ଷା ବିବରଣୀ ବା ତଥ୍ୟ ମୁତାବକ ମାଟି ରେ ସାର ପ୍ରୟୋଗ କରନ୍ତୁ ।
- ରୋଗ ପୋକରୁ ରକ୍ଷା କରିବା ପାଇଁ କୀଟନାଶକ ରେ ଅଠା ମିଶାଇ ସିଂଚନ କରନ୍ତୁ ।
- **ଆମ୍ବ : ତାପମାତ୍ରା ବୃଦ୍ଧି ଯୋଗୁଁ ଆମ୍ବ ଫୁଲ ଓ ଆମ୍ବ କଷି ସୁଖୀ ଝଡି ଯିବାର ଆଶଙ୍କା ଅଛି। ଆମ୍ବ ଗଛରେ ସାଧା ପାଣି ସିଂଚନ କରନ୍ତୁ।**

### ପନିପରିବା:

- ବର୍ତମାନ ପାଗ ରେ ଅଷ୍ଟପଦୀ ପୋକ ଦେଖା ଦେଇ ଥାଏ, ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫୋସ ମିଶାଇ ସିଂଚନ କରନ୍ତୁ ।
- ଶିମ୍ବ ଓ ସୋରିଷ ଫସଲରେ ଜଉ ପୋକର ପ୍ରାଦୁର୍ଭାବ ଅଧିକ, ପ୍ରତିକାର ସ୍ୱରୂପ ୧ ଲି. ପାଣିରେ ୫ ମି. ଲି. ନିମ୍ବ ତେଲ (୫୦୦ ppm) ମିଶାଇ ସିଂଚନ କରନ୍ତୁ ।
- ବନ୍ଧାକୋବି ଓ ଫୁଲକୋବି ରେ ଶୋଷକ ପୋକରୁ ରକ୍ଷା କରିବା ପାଇଁ ଫ୍ଲୋନିକାମିଡ ଏକର ପିଛା ୧୨୦ ଗ୍ରା. ଔଷଧ ସିଂଚନ କରନ୍ତୁ ।

### ମୁଗବିରି :

- ମୁଗ ଓ ବିରି ରେ ପାଉଁସିଆ ରୋଗକୁ ରୋକିବା ପାଇଁ ୧ ଲି. ପାଣିରେ ୫ ଗ୍ରା. Sulfex ଔଷଧ ମିଶାଇ ସିଂଚନ କରନ୍ତୁ ।
- ପାକଳ ଫସଲକୁ ଯଥା ଶୀଘ୍ର ଅମଳ କରନ୍ତୁ, କାରଣ ବଢୁଥିବା ତାପମାତ୍ରା ଯୋଗୁଁ ଛୁଇ ଫାଟି ବିଲରେ ମଞ୍ଜି ପଡିଯିବାର ଆଶଙ୍କା ଥାଏ ।

### ପଶୁସମ୍ପଦ:

- ତାପମାତ୍ରା ବୃଦ୍ଧି ହେତୁ ପର୍ଯ୍ୟାପ୍ତ ପରିମାଣର ପରିଷ୍କାର ପିଇବା ପାଣିର ବ୍ୟବସ୍ଥା କରନ୍ତୁ ।
- ଦିନର ଅତ୍ୟଧିକ ଖରା ସମୟରେ ଖୋଲାରେ ଚରିବା କୁ ଦିଅନ୍ତୁ ନହିଁ ।
- କୁକୁଡା ଭାଡିକୁ ଅଖା ଦ୍ୱାରା ଘୋଡାଇ ପାଣି ସିଂଚନ କରନ୍ତୁ ।
- କୁକୁଡା ଖାଦ୍ୟ ର ପରିମାଣ ଧୀରେ ଧୀରେ କମ କରନ୍ତୁ ।

### ମାଛ ଚାଷ:

- ଯେଉଁ ପୋଖରୀରେ ୩-୪ ଫୁଟ ପାଣି ରଖିବା ସମ୍ଭବ ନୁହେଁ ସେଥିରୁ ଯଥାଶୀଘ୍ର ମାଛ ମାରିନିଅନ୍ତୁ ।
- ଯେଉଁ ପୋଖରୀରେ ୪-୫ ଫୁଟ ପାଣି ରହିବ ସେଥିରୁ ୬୦୦ ଗ୍ରାମ ଉପରକୁ ଥିବା ମାଛ ଧରି ନିଅନ୍ତୁ।
- ତାପମାତ୍ରା ବଢିବା ଦ୍ୱାରା ମଚ୍ଛମାନଙ୍କର ଖାଦ୍ୟ କମ କରି ଦିଅନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ ।

କୃଷି ଭୀତ୍ତିକ କୌଣସି ସମସ୍ୟା ପାଇଁ ଦେୟମୁକ୍ତ ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ।